# Akashvani, Sambalpur

## SAMBALPURI NEWS EVENING BULLETIN

**29 July 2025- 7.02 pm- 7.12 pm.**

*********************************************

୧- ଲୋକ୍‌ସଭା ନ ଅପରେସନ୍ ସିନ୍ଦୁର୍ ବାବଦ୍ ବିତର୍କଥି ସାମିଲ୍ ହେଲେ ପ୍ରଧାନ୍‌ମନ୍ତ୍ରୀ ।

- କହେଲେ ସଂସଦ୍‌ର ଇ ଅଧିବେଶନ୍ ହେଉଛେ ଦେଶର୍ ଗୌରବ୍ ଗାନର ଅଧିବେଶନ ।

୨- ଯୁଆନ୍ ପିଢ଼ିକେ ମୌଲିକ୍ ବିଚାର୍‌ଧାରା ଆଡ଼୍‌କେ ନେବାର୍ ରାସ୍ତା ଭାରତୀୟ ଭାଷା ଆଉ ଜ୍ଞାନ୍ ପରମ୍ପରା ଆଏ- କହେଲେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ।

୩- ଓଡ଼ିଶା ନ ଆଏବା ମାସ ହେବା ଅନୁସୂଚିତ ଜାତି ଆଉ ଜନଜାତି ସଂସଦୀୟ କମିଟିର୍ ଜାତୀୟ ସମ୍ମିଳନୀ ।

ଆଉର୍

୪- ବାଘ୍ ସଂରକ୍ଷଣ୍ ଲାଗି ଲୁକ୍‌କୁ ସଚେତନ୍ କର୍‌ବାର୍‌କେ ଆଏଜ୍ ପାଳନ୍ କରାଯାଉଛେ ଅନ୍ତର୍ଜାତୀୟ ବ୍ୟାଘ୍ର ଦିବସ୍ ।

## ଅପରେସନ୍ ସିନ୍ଦୁର୍- ବିତର୍କ         ଏଆଇଆର୍ ଏକ୍ସ

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଲୋକ୍‌ସଭା ନ ଆଏଜ୍ ଅପରେସନ୍ ସିନ୍ଦୁର୍‌କେ ନେଇକରି ଚାଲିଥିବା ବିତର୍କଥି ସାମିଲ ହେଇଛନ୍ । ସେ କହିଛନ୍, ସଂସଦ୍‌ର ଇ ଅଧିବେଶନ୍ ହେଉଛେ ଦେଶର୍ ଗୌରବ୍ ଗାନର ଅଧିବେଶନ୍ । ପେହେଲ୍‌ଗାମ୍ ଠାନେ ଆତଙ୍କବାଦୀମାନେ ଧର୍ମ ପଚ୍‌ରେଇକରି ଆକ୍ରମଣ୍ କରିଥିଲେ । ଇଟା ନିଷ୍ଠୁରତାର୍ ଚରମ୍ କାମ୍ ଥିଲା । ହେଥିର୍‌ଲାଗି ମଇ ୬ ତାରିଖ୍ ରାତି ଅପରେସନ୍ ସିନ୍ଦୁର୍ ଜରିଏ ଆତଙ୍କବାଦୀ ମାନ୍‌କୁ ନିପାତ୍ କରାଯାଇଥିଲା ବଲି ପ୍ରଧାନ୍‌ମନ୍ତ୍ରୀ ଶ୍ରୀ ମୋଦୀ କହିଛନ୍ ।

ପାର୍ଲ୍ୟାମେଂଟ୍‌ର ଦୁହି ଗୃହ ନ ଆଏଜ୍ ଅପରେସନ୍ ସିନ୍ଦୁର୍‌କେ ନେଇକରି ବିତର୍କ ଚାଲିଛେ । ଇତାର୍ ଆଘୋନୁ ଆଏଜ୍ ସଖାଲ୍‌ବେଲା ପ୍ରତିରକ୍ଷା ମନ୍ତ୍ରୀ ରାଜ୍‌ନାଥ୍ ସିଂ ରାଜ୍ୟସଭା ନ ଅପରେସନ୍ ସିନ୍ଦୁର୍ ବାବ୍‌ଦେ ତଥ୍ୟ ଉପସ୍ଥାପନ୍ କରିଥିଲେ ।

ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ଭିଲ୍ ଲୋକ୍‌ସଭା ନ ହେଇଥିବା ଅପରେସନ୍ ସିନ୍ଦୁର୍ ଆଲୋଚନାଥି ଭାଗ୍ ନେଇକରି ଭିନ୍ ଭିନ୍ ତଥ୍ୟ ରଖିଥିଲେ । ପେହେଲ୍‌ଗାମ୍ ଆତଙ୍କବାଦୀ ଘଟ୍‌ନାର୍ ମୁଖ୍ୟ ଷଡ଼ଯନ୍ତ୍ରକାରୀ ସହେତେ ୩ ଝନ୍ ଆତଙ୍କବାଦୀଙ୍କୁ ଗଲାକାଏଲ୍ ସେନା ବାହିନୀ ଜବାନ୍ ନିପାତ୍ କରିଛନ୍ ବଲି ଶ୍ରୀ ଶାହା ସୂଚ୍‌ନା ଦେଇଛନ୍ ।

ଜାତୀୟ ଶିକ୍ଷାନୀତି -୨୦୨୦-୫ ବଛର ଆର୍‌ଏନ୍‌ୟୁ/ କଟକ୍

ଜାତୀୟ ଶିକ୍ଷାନୀତି -୨୦୨୦ କେ ଆଏଜ୍ ୫ ବଛର୍ ପୁରିଛେ । ଦେଶେ ଅନ୍ତର୍ଭୁକ୍ତିକରଣ୍, ବିଦ୍ୟାର୍ଥୀ କୈନ୍ଦ୍ରିକ ଆଉ ଭବିଷ୍ୟତ୍ ଲାଗି ବନା ହେଇଥିବା ଶିକ୍ଷା ବ୍ୟବସ୍ଥାଥି ଜାତୀୟ ଶିକ୍ଷାନୀତି ନିହି ପକେଇଛେ । ବହି ଆଉ ପରୀକ୍ଷାଥି ନମ୍ବର୍ ଭିତ୍‌ରେ ଶିକ୍ଷାକେ ସିମିତ୍ ନାଇଁ ରଖିକରି ବିଦ୍ୟାଲୟର୍ ପରିବେଶ୍‌କେ ଅଏତ୍‌କା ବିକଶିତ୍ କର୍‌ବାର୍ ଲକ୍ଷ୍ୟ ନେଇକରି ଇ ନୂଆଁ ଶିକ୍ଷାନୀତି ପ୍ରଚଲନ୍ କରାଯାଇଛେ । ଇ ବାବ୍‌ଦେ ଗୁଟେ ରିପୋର୍ଟ...

(ଭଏସ୍ ଓଭର୍- ବିସ୍ମିତା ପ୍ରଧାନ୍)

*ଶୈକ୍ଷିକ ବାତାବରଣ୍ ସଂସ୍କାର୍ ଜରିଏ ନୂଆଁ ଜାତୀୟ ଶିକ୍ଷାନୀତିର୍ ପ୍ରଭାବ୍ ଫଁ' କ୍ଷେତ୍ରଥି ଦେଖାଯାଉଛେ । ଜାତୀୟ ଶିକ୍ଷାନୀତି ୮ ଲାଖ୍ ୯୦ ହଜାର୍ ବିଦ୍ୟାଳୟର୍ ୪ କୋଟି ୨୦ ଲାଖ୍ ନୁ ଅଏତ୍‌କା ଛାତ୍ରଛାତ୍ରୀଙ୍କୁ ଉପକୃତ କରିଛେ । ଇତାର୍ ଜରିଏ ୧ ହଜାର୍‌ନୁ ଅଏତ୍‌କା ଆଇ.ଏସ୍.ଏଲ୍. ଭିଡ଼ିଓ ଆଉ ଆଲୋଚନାଭିତିକ୍ ବହି ବିକଶିତ୍ କରାଯାଇଛେ ।*

*ସିବିଏସ୍‌ଇ ବୋର୍ଡ଼ ପରୀକ୍ଷାଥି ଏଛେନ୍‌କା ୫୦ ପ୍ରତିଶତ୍ ଦକ୍ଷତା ଆଧାରିତ୍ ପ୍ରଶ୍ନକେ ସାମିଲ୍ କରାଯାଇଛେ । ଇ ନୀତି ଅଧୀନ୍‌ଥି ନିଷ୍ଠା ଶିକ୍ଷକ ତାଲିମ୍ କାର୍ଯ୍ୟକ୍ରମ୍ ଜରିଏ ୪ ଲାଖ୍ ନୁ ଅଏତ୍‌କା ଶିକ୍ଷକଙ୍କୁ ତାଲିମ୍ ଦିଆଯାଇଛେ ।*

*ବାଲ୍‌ବାଟିକା, ଜାଦୁଇ ପିଟାରା ଆଉ ପ୍ରଶସ୍ତ ଆପ୍ ସହେତେ ଆହୁରି ବହୁତ୍‌ଟେ ପଦକ୍ଷେପ୍ ବହୁଭାଷୀ ଆଉ ସାମଗ୍ରିକ୍ ଶିକ୍ଷାକେ ତହଁକେଇପାରିଛେ । ଭାରତୀୟ ଭାଷାକେ ତହଁକାବାର୍ ସହେତେ ଆଂଚଲିକ୍ ଭେଦ୍‌ଭାବ୍ କମ୍ କର୍‌ବାର୍ ଦିଗେ ଇ ନୀତି କେତ୍‌ନିକେତେ ସହାୟକ ହେଇଛେ । ନୂଆଁ ଜାତୀୟ ଶିକ୍ଷାନୀତିଥି ଫି' ଶିକ୍ଷାର୍ଥୀଙ୍କର୍ ଉନ୍ନତି କର୍‌ବାର୍ ସୁଯୋଗ୍ ତିଆର୍ କରାଯାଇପାରିଛେ ।*

ଜାତୀୟ ଶିକ୍ଷାନୀତି-ଧର୍ମେନ୍ଦ୍ର ପ୍ରଧାନ୍‌ଧର୍ମେନ୍ଦ୍ର ପ୍ରଧାନ୍-ଏକ୍ସ

ୟୁଆନ୍ ପିଢ଼ିକେ ମୌଲିକ୍ ବିଚାର୍‌ଧାରା ଆଡ଼୍‌କେ ନେବାର୍ ରାସ୍ତା ଭାରତୀୟ ଭାଷା ଆଉ ଜ୍ଞାନ୍ ପରମ୍ପରା ଆଏ ବଲି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ କହିଛନ୍ । ଜାତୀୟ ଶିକ୍ଷାନୀତି-୨୦୨୦ ର ୫ ବଛର୍ ପୂର୍ତି ଅବ୍‌ସରେ ଶିକ୍ଷା ମନ୍ତ୍ରଣାଳୟ ତର୍‌ଫୁ ନୂଆଦିଲ୍ଲୀ ଭାରତ୍ ମଣ୍ଡପମ୍‌ଠାନେ ହେଇଥିବା ଅଖିଳ ଭାରତୀୟ ଶିକ୍ଷା ସମାଗମ-୨୦୨୫କେ ଉଦ୍‌ଘାଟନ୍ କରିକରି କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ୍ ମାତୃଭାଷାଥି ଶିକ୍ଷା ବ୍ୟବସ୍ଥାକେ ଆଗ୍‌କେ ବଢ଼ାବାର୍ ଦିଗେ ଆମର୍ ଚେରେଷ୍ଟା ଜାରି ରହିଛେ ବଲି କହିଛନ୍ । ନୂଆଁ ଜାତୀୟ ଶିକ୍ଷାନୀତିକେ ଶ୍ରେଣୀ କୁଠା, ବିଦ୍ୟାଳୟ ପରିସର୍ ଆର୍ ଗୋଷ୍ଠୀମାନ୍‌କର୍ ପାଖ୍‌କେ ପୁହୁଁଚାବାର୍‌ଥି ସର୍‌କାର୍ ସଫଲ୍ ହେଇଛନ୍ ବଲି ଶ୍ରୀ ପ୍ରଧାନ୍ କହିଛନ୍...

(ଭଏସ୍ ଓଭର୍- ଧର୍ମେନ୍ଦ୍ର ପ୍ରଧାନ୍)

ଇ ଅବ୍ସରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ୍ ୪ ହଜାର୍ କୋଟିନୁ ଅଏତ୍କା ଟଙ୍କାର୍ ଭିନ୍ ଭିନ୍ ଶିକ୍ଷାଭିତିକ୍ ପ୍ରକଳ୍ପର୍ ଉଦ୍ଘାଟନ୍ ଆଉ ଶିଲାନ୍ୟାସ୍ କରିଛନ୍ ।

ଏସ୍‌ସି/ଏସ୍‌ଟି -ଜାତୀୟ ସମ୍ମିଳନୀ ଭୁବ୍‌ନେଶ୍ୱର୍

ସମ୍ବାଦଦାତା

ଓଡ଼ିଶା ନ ଅଗଷ୍ଟ ୨୯ ଆଉ ୩୦ ତାରିଖ୍ ଅନୁସୂଚିତ ଜାତି ଆଉ ଜନଜାତି ସଂସଦୀୟ କମିଟିର୍ ଜାତୀୟ ସମ୍ମିଳନୀର୍ ଆୟୋଜନ୍ କରାଯିବା । ସମ୍ମିଳନୀକେ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଉଦ୍ଘାଟନ୍ କର୍‌ବେ । କାର୍ଯ୍ୟକ୍ରମ୍‌ଥି ଲୋକ୍‌ସଭା ବାଚସ୍ପତିଙ୍କର୍ ସହେତେ କେନ୍ଦ୍ରମନ୍ତ୍ରୀମାନେ ଭିଲ୍ ଯୋଗ୍ ଦେବେ । ୧୯୯୪ ମସିହା ଉତ୍‌ରୁ ପହେଲାକରି ରାଏଜେ କେନ୍‌ସି ସଂସଦୀୟ କମିଟିର୍ ବୈଠକ୍ ହେବାର୍‌କେ ଯାଉଛେ । ଇ ବାବ୍‌ଦେ ସୂଚ୍‌ନା ଦେଇକରି ବିଧାନ୍‌ସଭା ସଚିବ ସତ୍ୟବ୍ରତ ରାଉତ୍ କହିଛନ୍, ସମ୍ମିଳନୀଥି ସବୁ ରାଜ୍ୟ ଆଉ କେନ୍ଦ୍ରଶାସିତ ଅଂଚଲ୍‌ର ବିଧାନ୍‌ସଭା କମିଟିର୍ ଝନେ ଲେଖା ଅଧ୍ୟକ୍ଷ, ୫ ଝନ୍ ସଦସ୍ୟ ଆଉ ୪ ଝନ୍ ବିଧାୟକ୍ ଯୋଗ୍ ଦେବେ । ଅନୁସୂଚିତ ଜାତି ଆଉ ଜନଜାତି ଉନ୍ନୟନ ସଂସଦୀୟ କମିଟିର୍ ୩୦ ଝନ୍ ସଦସ୍ୟ ଭିଲ୍ ଯୋଗ୍

ଦେବେ । ସମ୍ମିଲନୀକେ ନେଇକରି ବିଧାନ୍‌ସଭା ବାଚସ୍ପତିଙ୍କର୍ ଅଧ୍ୟକ୍ଷତାଥି ଆଏଜ୍ ଗୁଟେ ବୈଠକ୍ ହେଇଯାଇଛେ ।

ପ୍ରଳୟ-୨ଟା କ୍ଷେପଣାସ୍ତ୍ର ପି.ଆଇ.ବି.

ଭୂପୃଷ୍ଠନୁ ଭୂପୃଷ୍ଠକେ କମ୍ ଦୂର୍ ଲକ୍ଷ୍ୟ ଭେଦ କରିପାରୁଥିବା ପ୍ରଳୟ ଶୃଙ୍ଖଳାର୍ ୨ ଟା କ୍ଷେପଣାସ୍ତ୍ରର୍ ଗଲାକାଏଲ୍ ଆର୍ ଆଏଜ୍ ବାଲେଶ୍ୱର୍ ଜିଲ୍ଲା ଅବ୍‌ଦୂଲ୍ କଲାମ୍ ଦ୍ୱୀପନୁ ସଫଲ୍ ପରୀକ୍ଷଣ୍ କରାଯାଇଛେ । ସ୍ୱଦେଶୀ ଜ୍ଞାନ୍ କୌଶଲ୍‌ଥି ତିଆର୍ ହେଇଥିବା ଇ କ୍ଷେପଣାସ୍ତ୍ରଥି ଅତ୍ୟାଧୁନିକ୍ ନେଭିଗେସନ୍ ସିଷ୍ଟମ୍ ହାଇଏକ୍ୟୁରେସି ଗାଇଡାନ୍ସ ଟେକ୍ନୋଲୋଜିର୍ ବେଭାର୍ କରାଯାଇଛେ । ଦୁହି କ୍ଷେପଣାସ୍ତ୍ର ଧାରିଜ୍ ଗତିପଥକେ ଠିକ୍ ଭାବେ ଅନୁସରଣ୍ କରିଥିଲେ ଆଉ ସବୁ ମାନକ ପୂରଣ୍ କରିଥିଲେ ବଲି ଡିଆର୍‌ଡିଏ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ଉପମୁଖ୍ୟମନ୍ତ୍ରୀ-ବୁଣାକାର୍ ମହିଳା ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ଓଡ଼ିଶାର୍ ବୟନ ପରମ୍ପରାକେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର୍ ସଦସ୍ୟାମାନେ ଆଗ୍‌କେ ନଉଛନ୍ ବଲି ଉପମୁଖ୍ୟମନ୍ତ୍ରୀ

ପ୍ରଭାତୀ ପରିଡ଼ା କହିଛନ୍ । ମିଶନ୍ ଶକ୍ତି ଭବନ୍ ଠାନେ ଆଏଜ୍ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ାଙ୍କର୍ ଉପସ୍ଥିତିଥି ବୁଣାକାର୍ ମହିଳାମାନ୍‌କୁ ସଶକ୍ତ କର୍‌ବାର୍ ଲକ୍ଷ୍ୟଥି ମିଶନ୍ ଶକ୍ତି ବିଭାଗ୍ ଆଉ କେନ୍ଦ୍ର ହସ୍ତତନ୍ତ ବିକାଶ୍ ଆୟୋଗ୍ ଅଧୀନ୍‌ଥି ଥିବା ବୁଣାକାର୍ ସେବା କେନ୍ଦ୍ର ଭିତ୍‌ରେ ଗୁଟେ ବୁଝାମଣା ପତ୍ର ସ୍ୱାକ୍ଷରିତ୍ ହେଇଛେ । ଇ ବୁଝାମଣା ପତ୍ର ରାଜ୍ୟର୍ ବୁଣାକାର୍ ମହିଳା ଗୋଷ୍ଠୀକେ ନୂଆଁ ଡିଜାଇନ୍, ତାଲିମ୍ ଆଉ ଦକ୍ଷତା ବିକାଶ୍ ସହେତେ ଜାତୀୟ ଆଉ ଅନ୍ତର୍ଜାତୀୟ ବଜାର୍ ଯୁଗେଇ ଦେବାର୍‌ଥି ସାହାଜ୍ କର୍‌ବା ବଲି ଇ ଅବ୍‌ସରେ ଶ୍ରୀମତୀ ପରିଡ଼ା କହିଛନ୍ ।

ଆନ୍ତର୍ଜାତୀୟ ବ୍ୟାଘ୍ର ଦିବସ୍ ଆର୍‌ଏନ୍‌ୟୁ ସମ୍ବଲ୍‌ପୁର୍

ଆଏଜ୍ ହେଉଛେ ଅନ୍ତର୍ଜାତୀୟ ବ୍ୟାଘ୍ର ଦିବସ୍ । ବାଘ୍ ସଂରକ୍ଷଣ୍ ଲାଗି ଲୁକଙ୍କର୍ ଭିତ୍‌ରେ ସଚେତନତା ସୃଷ୍ଟି କର୍‌ବାର୍ ଇ ଦିବସ୍‌ର ମୂଳ୍ ଲକ୍ଷ୍ୟ ଆଏ । ୨୦୧୦ ମସିହାଥି ସେଂଟ୍‌ପିଟସ୍‌ବର୍ଗ ଠାନେ ହେଇଥିବା ବ୍ୟାଘ୍ର ସୁରକ୍ଷା ଶୀର୍ଷକ୍ ସମ୍ମିଳନୀଥି ଇ ଦିବସ୍ ପାଳନ୍ କର୍‌ବାର୍ ଲାଗି ନିଷ୍ପତି ନିଆଯାଇଥିଲା । ଫି ବଛର୍ ଆଝିରର୍ ଦିନେ ସର୍‌କାରୀ ଆଉ ବେସର୍‌କାରୀ ସ୍ତର୍‌ଥି ଭିନ୍ ଭିନ୍ ସଚେତନତା କାର୍ଯ୍ୟକ୍ରମ୍‌ମାନ୍ କରାଯାଏସି । ଭାରତ୍ ନ ବାଘ୍ ସଂରକ୍ଷଣ୍ ଦିଗେ କାମ୍ କରୁଥିବା

ଜାତୀୟ ବ୍ୟାଘ୍ର ସଂରକ୍ଷଣ କର୍ତ୍ତୃପକ୍ଷଙ୍କର୍ ସୂଚ୍ନା ଅନ୍ସାରେ ଦେଶେ ଇହାଦେ ୬ ଶହ ୪୨ ଟା ବାଘ୍ ରହିଛନ୍ । ୨୦୨୨ ବାଘ୍ ଗନ୍ତି ଅନ୍ସାରେ ଓଡ଼ିଶା ନ ୨୦ ଟା ବାଘ୍ ଥିଲା ବେଲେ ମଧ୍ୟପ୍ରଦେଶ୍ ନ ସବୁନୁ ଜହ ୭ ଶହ ୮୫ ଟା ବାଘ୍ ଅଛନ୍ ।

ଅନ୍ତର୍ଜାତୀୟ ବ୍ୟାଘ୍ର ଦିବସ୍ ଅବ୍ସରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ବାଘ୍ ସଂରକ୍ଷଣ୍ ଦିଗେ ଭାରତ୍ର ଉପଲବ୍ଧିକେ ପ୍ରଶଂସା କରିଛନ୍ । ଓଡ଼ିଶା ବିରଳ ମେଲାନିଷ୍ଟି ବାଘର୍ ବାସସ୍ଥଲୀ ପାଲ୍ଟିଛେ । ସମସ୍ତେ ମିଶିକରି ବାଘ୍ ମାନ୍କର୍ ସୁରକ୍ଷା ଦିଗେ କାମ୍ କର୍ବାର୍କେ ଶ୍ରୀ ପ୍ରଧାନ୍ ଆହ୍ୱାନ୍ ଦେଇଛନ୍ ।

ଭିତର୍କନିକା ଜାତୀୟ ଉଦ୍ୟାନ ହି.ସ.

ଭିତର୍କନିକା ଜାତୀୟ ଉଦ୍ୟାନ୍ ଆଏବା ୧ ତାରିଖ୍ନୁ ପର୍ଯ୍ୟଟକ୍ମାନ୍କର୍ ଲାଗି ଖୁଲାଯିବା । ପର୍ଯ୍ୟଟକ୍ମାନେ ଇଥର ପହେଲାକରି ଭିତର୍କନିକା ନ ଲୁଣା ପାନିର୍ ଗଛର୍ ଚାରାକେ ହେନ୍ତାଳବଣ ନର୍ସରୀ ନ ଦେଖ୍ବାର୍ ସହେତେ ବୋଟ୍ ଲାଇବ୍ରେରୀ ନ ଭିନ୍ ଭିନ୍ ଜୀବଜନ୍ତୁ ପରିବେଶ୍ ଭିତ୍ରେ ବହି ପଢ଼୍ବାର୍ ସୁଯୋଗ୍ ପାଇପାର୍ବେ । ପର୍ଯ୍ୟଟକ୍ମାନ୍କୁ ସ୍ୱାଗତ୍ କର୍ବାର୍ ଲାଗି ଜଙ୍ଗଲ୍ ବିଭାଗ୍ ତରଫୁ ତିୟାରି ଶେଷ୍ ଖେପେ ପୁହୁଁଚିଛେ । କୁମ୍ଭୀର୍ ପ୍ରଜନନ ଋତୁର୍ ଲାଗି ଭିତରକନିକା ଜାତୀୟ ଉଦ୍ୟାନ୍ ଗଲା ମଇ

ମାସର୍ ୧ ତାରିଖ୍‌ନୁ ଜୁଲାଇ ୩୧ ତାରିଖ୍‌ତକ ବନ୍ଦ୍ ରଖାଯାଇଛେ ।

ନୂଆପଡ଼ା- ଆଲୋଚନାଚକ୍ର ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ଖଡ଼ିଆଲ୍ ମୁକ୍ତ ବିଚାର୍ ମଂଚ୍ ତର୍‌ଫୁ 'ମୋଗଲ୍ ଇତିହାସ୍‌ର ପୁର୍ନଲିଖନ୍ ଯଥାର୍ଥ' ଶୀର୍ଷକ୍ ଆଲୋଚନାଚକ୍ର ହେଇଯାଇଛେ । କାର୍ଯ୍ୟକ୍ରମ୍‌ଥି ଅଧ୍ୟାପକ ଗୟଧର୍ ମହାନ୍ତି, ଅଧ୍ୟାପକ ପ୍ରଦୀପ୍ ବେହେରା ବିଷୟ ପଖ୍ୟଥି ଆଲୋଚନା କରିଥିଲା ବେଲ୍‌କେ ଅଧ୍ୟାପକ ଜିତେନ୍ଦ୍ର ସୁନା ଆଉ ସାମ୍ବାଦିକ୍ ରାଜୀବ୍ ଶଗ୍‌ରିଆ ବିଷୟ ବିରୋଧ୍‌ଥି ଆଲୋଚନା କରିଥିଲେ ।

ମାନବ ଚାଲାଣ୍ ନିରୋଧ୍ ସଚେତନତା ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ରେଲ୍‌ଷ୍ଟେସନ୍ ଆଉ ବସ୍‌ଷ୍ଟେଣ୍ଡ୍ ଠାନେ ମାନବ ଚାଲାଣ୍ ନିରୋଧ୍ ସଚେତନତା କାର୍ଯ୍ୟକ୍ରମ୍ ହେଇଯାଇଛେ । ରେଲ୍‌ବାଇ ପୁଲିସ୍ ଆଉ ଆକ୍ସେସ୍ ଟୁ ଜଷ୍ଟିସ୍ ତର୍‌ଫୁ ଯାତ୍ରୀମାନ୍‌କୁ ଶିଶୁ ଚାଲାଣ୍ କେନ୍ତାକରି ରୁକାଯାଇପାର୍‌ବା ସେ ବାବ୍‌ଦେ ସଚେତନ୍ କରିଥିଲେ । ଶିଶୁ ଚାଲାଣ୍ ବାବଦ୍ କେନ୍‌ସି ଭିଲ୍ ଖବର୍ ପାଏବେ ତୁର୍‌ତି ସହାୟତା ନମ୍ବର୍ ମାନ୍‌କେ ଯୋଗଯୋଗ୍ କର୍‌ବାର୍‌କେ ପରାମର୍ଶ ଦେଇଥିଲେ ।

ବୌଦ୍ଧ ନୂଆଁ ଜିଲ୍ଲାପାଲ୍ ବୌଦ୍ଧ ସମ୍ବାଦଦାତା

ବୌଦ୍ଧର୍ ନୂଆଁ ଜିଲ୍ଲାପାଲ୍ ଭାବେ ବିଭୂତି ଭୂଷଣ୍ ନାୟକ ଆଉ ନୂଆଁ ଉପଜିଲ୍ଲାପାଲ୍ ଭାବେ ବିନୟ କୁମାର୍ ଭୋଇ ଦାୟିତ୍ୱ ନେଇଛନ୍ । କାର୍ଯ୍ୟେଥି ଯୋଗ୍ ଦେବାର୍ ଉତ୍ରୁ ବିଭାଗୀୟ ଅଧିକାରୀ, କର୍ମଚାରୀ ଆଉ ଭିନ୍ ଭିନ୍ ଅଧିକାରୀମାନ୍‌କୁ ଜିଲ୍ଲାପାଲ୍ ଆଉ ଉପଜିଲ୍ଲାପାଲ୍ ଭେଟିଛନ୍ । ଜିଲ୍ଲାର୍ ବିକାଶ୍ ଦିଗେ ମିଶିକରି କାମ୍ କର୍‌ବାର୍‌କେ ଇ ଅବ୍‌ସରେ ଆଲୋଚନା କରାଯାଇଥିଲା ।

ଜିଲ୍ଲାସ୍ତରୀୟ କୃମିନାଶକ୍ ଦିବସ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ଦେବ୍‌ଗଡ଼୍ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର୍ ବିଶ୍ୱମୋହନ୍ ମିଶ୍ରଙ୍କର୍ ଅଧ୍ୟକ୍ଷତାଥି ଜିଲ୍ଲାସ୍ତରୀୟ କୃମିନାଶକ୍ ଦିବସ୍ ପାଲନ୍ ଲାଗି ସମନ୍ୱୟ ବୈଠକ୍ ହେଇଯାଇଛେ । ଜିଲ୍ଲାପାଲ୍ କବୀନ୍ଦ୍ର କୁମାର୍ ସାହୁ ବୈଠକ୍‌ଥି ସଭାପତିତ୍ୱ କରିକରି ଛୁଆମାନ୍‌କର୍ ଭିତ୍‌ରେ ଦେଖାଯାଉଥିବା କୃମି ରୋଗ୍‌ର ଭୟାବହତା ବାବ୍‌ଦେ ଆଲୋଚନା କରିଥିଲେ । ଅଗଷ୍ଟ ୧୨ ତାରିଖ୍ କୃମିନାଶକ୍ ଦିବସ୍ ପାଲନ୍ କର୍‌ବାର୍ ଲାଗି ବୈଠକ୍‌ଥି ଆଲୋଚନା କରାଯାଇଛେ ।

ପାଣିପାଗ        ଆର୍‌ଏନ୍‌ୟୁ/ ସମ୍ବଲପୁର

ବଙ୍ଗୋପ୍‌ସାଗର୍ ନ ସୃଷ୍ଟି ହେଇଥିବା ଲଘୁଚାପ୍ ବଲେ ରାଏଜେ ବର୍ଷା ପାଗ୍ ଲାଗି ରହିଛେ । ଆଏବା ୨୪ ଘଂଟା ଭିତ୍‌ରେ ରାଜ୍ୟର୍ ବଡ଼ଭାଗୀ ଜିଲ୍ଲା ନ ଘଡ଼୍‌ଘଡ଼ି ସହେତେ ଜବର୍ ବର୍ଷା ହେଇପାରେ ବଲି ଭୁବ୍‌ନେଶ୍ୱର୍ ଆଂଚଳିକ ପାଣପାଗ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ସତର୍କ ସୂଚ୍‌ନା ଜାରି କରାଯାଇଛେ ।

ସେଆଡ଼େ ହୀରାକୁଦ୍ ଜଲ୍‌ଭଣ୍ଡାର୍‌ନୁ ୧୮ ଟା ଗେଟ୍ ଦେଇକରି ପାଏନ୍ ଛଡ଼ାଯାଉଛେ । ଆଏଜ୍ ସଞ୍ଝର୍ ୬ ବଜେତକ୍ ଫି ସେକେଣ୍ଡଥି ଜଲ୍‌ଭଣ୍ଡାର୍‌କେ ୨ ଲାଖ୍ ୪୭ ହଜାର୍ ୭ ଶହ ୬୦ ଘନ୍‌ଫୁଟ୍ ପାଏନ୍ ଆସୁଥିବାର୍ ବେଲ୍‌କେ ୩ ଲାଖ୍ ୧୨ ହଜାର୍ ୫ ଶହ ୬ ଘନଫୁଟ୍ ପାଏନ୍ ଛଡ଼ା ଯାଉଛେ । ଇ ସମିଆଥି ଜଲ୍‌ଭଣ୍ଡାର୍ ଜଲ୍‌ସ୍ତର୍ ୬ ଶହ ୧୩ ଦଶ୍‌ମିକ୍ ୬/ଶୂନ୍ ଫୁଟ୍ ରହିଛେ ।